

ଦୁଷ୍ମନ୍ତଙ୍କ ଯୋଗଦାନ ପରେ ଖଣ୍ଡପଡ଼ା ବିଜେପି ୪ ଫାଳ

ଖଣ୍ଡପଡା,୧୨।୩(ନିପ୍ର) : ଖଣ୍ଡପଡ଼ାରେ ଭାରତୀୟ ଜନତାପାର୍ଟିରେ ୩ଜଣ ନେତା ସେମାନଙ୍କର ନେତୃତ୍ୱରେ ଦଳୀୟ କାର୍ଯ୍ୟ କରିଆସୁଥିବା ସମୟରେ ଯୁବନେତା ସମାଜସେବୀ ଇଂ. ଦୁଷ୍ମନ୍ତ ସ୍ୱାଇଁ ଦଳରେ ଯୋଗଦେବା ପରେ ଦଳୀୟ ଟିକେଟ୍ ଆଶାୟୀଙ୍କ ସଂଖ୍ୟା ବୃଦ୍ଧିପାଇ ଏବେ ଦଳ ୪ ଫାଳରେ ବିଭକ୍ତ ହୋଇଥିବା ଜଣାଯାଇଛି । ଉଭୟ ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ସହିତ ସହରାଂଚଳକୁ ନେଇ ଗଠିତ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଆରମ୍ଭରୁ ଭାରତୀୟ ଜନତାପାର୍ଟିର ସଂଗଠନ ଦୁର୍ବଳ ଥିବା ବେଳେ ବିଭିନ୍ନ ନିର୍ବାଚନ ସମୟରେ ଏଠାରେ ଦଳୀୟ ନେତୃତ୍ୱର ଅଭାବ ପରିଲକ୍ଷିତ ହୋଇ ଆସୁଥିଲା । ଫଳରେ ପାର୍ଟି ପକ୍ଷରୁ ନିର୍ବାଚନ ଲଢୁଥିବା କର୍ମୀମାନେ ଅର୍ଥାଭାବ ଯୋଗୁଁ ଜନସମର୍ଥନ ନ ପାଇ ହତାଶ ହେବା ସହ ସେମାନଙ୍କର ବିଜୟ ଅନିଶ୍ଚିତତା ମଧ୍ୟରେ ଗତି କରୁଥିଲା । ପଂଚାୟତ ନିର୍ବାଚନରେ ଦଳୀୟ ଚିହ୍ନ ଲାଗୁନଥିବା ବେଳେ ଏନ୍‌ଏସି ନିର୍ବାଚନରେ ଗତ ୨ ଦଶନ୍ଧି ମଧ୍ୟରେ ହୋଇଥିବା ୩ ଗୋଟି ନିର୍ବାଚନରେ ଦଳୀୟ ଟିକେଟ୍‌ରେ ପୂର୍ବରୁ ୨ରୁ ୩ ଜଣ କାଉନ୍‌ସିଲର ନିର୍ବାଚିତ ହୋଇଥିବା ବେଳେ ଗତ ନିର୍ବାଚନରେ ଜଣେ ନିର୍ବାଚିତ ହୋଇଥିବା ଦେଖାଯାଇଥିଲା । ନିର୍ବାଚନ ସମୟ ଆସିଲେ ଟିକେଟ୍ ଆଶାୟୀ ନେତାଙ୍କର ଦଳ ବଦଳ ପରମ୍ପରା ଚାଲିଥିବା ବେଳେ ବିଜେପି ସଂଗଠନ ସହ ସମ୍ପୃକ୍ତ ନେତାଙ୍କୁ ଟିକେଟ୍ ଦିଆ ନ ଯାଇ ଆମଦାନୀ ହୋଇ ଆସିଥିବା ନେତାଙ୍କୁ ଟିକେଟ୍ ପ୍ରଦାନ କରି ଦଳ ଖଣ୍ଡପଡ଼ାରେ ଆଶାନୁରୁପ ଫଳ ପାଇପାରୁନଥିବା ଇତିହାସରୁ ଜଣାଯାଇଛି । ଫଳରେ ସଂଗଠନ କରୁଥିବା ନେତା ଓ ଚାମୁଆଁ କର୍ମୀ ରାଜ୍ୟ ନେତୃତ୍ୱର ନିର୍ଦ୍ଦେଶ ଓ ନିଷ୍ପତିରେ ଅସନ୍ତୁଷ୍ଟ ହେବା ସହ ଟିକେଟ୍ ପାଇଥିବା ନେତା ସେମାନଙ୍କ ସହ ଯୋଗାଯୋଗ ଓ ସହଯୋଗର ଅଭାବ ଯୋଗୁଁ ଅଗ୍ରଗତି କରି ପାରନ୍ତିନାହିଁ । ଚଳିତ ଦଶନ୍ଧି ମଧ୍ୟରେ ପୂର୍ବତନ ବିଧାୟକ ସିଦ୍ଧାର୍ଥଶେଖର ସିଂହ ଖଣ୍ଡପଡ଼ାରେ ବିଜେପି ସଂଗଠନର ମଙ୍ଗ ଧରି ଗତ ନିର୍ବାଚନରେ ଦଳୀୟ ଟିକେଟ୍ ପାଇଥିଲେ ହେଁ ଏହି କାରଣ ଯୋଗୁଁ ଭୋଟ ଗଣତି ସମୟରେ ତୃତୀୟ ସ୍ଥାନରେ ରହିଥିବା ଦେଖାଯାଇଥିଲା । ସୌମ୍ୟବାବୁ ଲକ୍ଷାଧିକ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ୧୮ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ । ବିଜେପି ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂହ ୧୪ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ବିଜେଡ଼ିର ଗଡ଼ କୁହାଯାଉଥିବା ଖଣ୍ଡପଡ଼ାରେ ଗତ ସାଧାରଣ ନିର୍ବାଚନ ପର ଠାରୁ ନୟାଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ ଦଳର ସାଂଗଠନିକ ଦାୟିତ୍ୱରେ ରହି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଦଳୀୟ କାର୍ଯ୍ୟ କରି ଆସୁଥିବା ବେଳେ ଦଳର ଯୁବନେତା ଅଭିଲାଷ ପଣ୍ଡା ମଧ୍ୟ ବିଭିନ୍ନ ସମୟରେ ଜନସାଧାରଣଙ୍କର ନିକଟତର ହୋଇ ବିଭିନ୍ନ କାର୍ଯ୍ୟ କରି ଆସୁଥିବା ଦେଖାଯାଇଥିଲା । ରାଜ୍ୟ ନେତୃତ୍ୱର ଅଦଳବଦଳ ସମୟରେ ଅଭିଲାଷ ରାଜ୍ୟ ଯୁବମୋର୍ଚ୍ଚାର ସଭାପତି ଭାବେ ମନୋନୀତ ହୋଇ ଖଣ୍ଡପଡ଼ାରେ ବିଧାୟକ ପ୍ରାର୍ଥୀଭାବେ ନିଜକୁ ପରିପୃଷ୍ଟ କରି ଆସୁଥିବା ବେଳେ ଏବେ ଦଳରେ ଦୁଷ୍ମନ୍ତ ସ୍ୱାଇଁଙ୍କ ଯୋଗଦାନରେ ପୂର୍ବ ସଂଗଠକମାନଙ୍କୁ ହତାଶ କରିଥିବା ଦେଖାଯାଇଛି । ଫଳରେ ଖଣ୍ଡପଡ଼ା ବିଜେପି ସଂଗଠନ ୪ ଭାଗରେ ବିଭକ୍ତ ହୋଇଥିବା ସମୟରେ ଆଗକୁ ବିଜେଡ଼ି-ବିଜେପି ମେଂଟ୍‌ରେ କାହା ମୁଣ୍ଡରେ କଳସ ଢଳାଯିବ ସେଥିପାଇଁ ସାଧାରଣ ଜନତା ଉତ୍ସୁକତା ସହ ଅପେକ୍ଷା କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି ।

ଉମାକାନ୍ତ ଜେନାଙ୍କର ଆସନ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସମ୍ଭାବନା ଉଜ୍ଜ୍ୱଳ

ଭୁବନେଶ୍ୱର, ୧୨।୩ , ସୁନାମଧନ୍ୟ ସୂଚନା ବୈଜ୍ଞାନିକ ଏବଂ ବରିଷ୍ଠ ଆଇନଜିବୀ ଉମାକାନ୍ତ ଜେନାଙ୍କର ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସମ୍ଭାବନା ଉଜ୍ଜ୍ୱଳ ବୋଲି ଜଣାଯାଇଛି । ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋଲମପୁର ଗ୍ରାମର ମୂଳବାସିନ୍ଦା ଶ୍ରୀ ଜେନା ଭଣ୍ଡାରିପୋଖରୀ କିମ୍ବା ପଡ଼ୋଶୀ କୋରେଇ ଆସନକୁ ପରିନିଧିତ୍ୱ କରିବା ନେଇ ସ୍ଥାନୀୟ ଜନମତ ଜୋରଦାର ହେବାରେ ଲାଗିଛି । ରାଜନୀତିରେ ସତେଜ ଚେହେରା, ସ୍ୱଚ୍ଛ ଭାବମୂର୍ତ୍ତି, ପାରଦର୍ଶିତା ପୂର୍ଣ୍ଣ ପେଶାଦାରୀ ଯୋଗ୍ୟତା ଏବଂ ପ୍ରଯୁକ୍ତିବିଦ୍ୟା ସଚେତନ ପୃଷ୍ଠଭୂମି ଯୋଗୁଁ ଭୋଟଦାତାମାନେ ଶ୍ରୀ ଜେନାଙ୍କର ପ୍ରାର୍ଥୀତ୍ୱକୁ ଖୁବ ପସନ୍ଦ କରୁଛନ୍ତି । ବହୁବିଧ ପ୍ରତିଭାର ଅଧିକାରୀ, ଶ୍ରୀ ଜେନା ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ନୂଆଦିଲ୍ଲୀର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ.ଆଇ.ସି) ଠାରେ ସୂଚନା ବୈଜ୍ଞାନିକ ଏବଂ ପ୍ରଶାସନ ତଥା ଆଇନ ବିଭାଗର ମହାପ୍ରବନ୍ଧକ ଭାବରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ଏହି ସମୟକାଳ ମଧ୍ୟରେ ସେ ପାଖାପାଖି ୩୫୦୦ କୋଟି ଟଙ୍କା ମୂଲ୍ୟର ୧୧୦୦ଟି ରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ଭାରତ ସରକାରଙ୍କ ଅଧୀନରେ ୩୪ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ଜେନା ଓଡ଼ିଶା, ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ଚଣ୍ଡୀଗଡ଼, ହରିୟାଣା, ଗୋଆ, ଡାମନ ଓ ଡିଉ ଆଦି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଦକ୍ଷତାର ସହ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଛନ୍ତି । ଏକାଧାରରେ ସେ ଜଣେ କୁଶଳୀ ଯୋଜନା ରଣ କୌଶଳ ପ୍ରସ୍ତୁତକାରୀ, ଭିତ୍ତିଭୂମି ଉନ୍ନୟନକାରୀ, ବ୍ୟବସାୟ ବିକାଶକାରୀ ଓ ସଫଳ ପ୍ରକଳ୍ପ ପ୍ରଣୟନକାରୀ ଭାବରେ ପରିଚିତ । ସୂଚନା ଅଧିକାର ବ୍ୟାପାର ପରିଚାଳନା, ଟିମ୍ ସଂଯୋଜନା, ଲିଆସନିଂ, ଲଜିଷ୍ଟିକସ୍ ଆୟୋଜନ, କାର୍ଯ୍ୟକ୍ରମ ରୂପାୟନ ଏବଂ ଏହାକୁ ସୂଚାରୁ ରୂପେ ସମାପନ କରିବା ତଥା ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିବାରେ ମଧ୍ୟ ସେ ସିଦ୍ଧହସ୍ତ । ଭାରତବର୍ଷର ପ୍ରାଣକେନ୍ଦ୍ର କୁହାଯାଉଥିବା ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଲୋକସଭା, ରାଜ୍ୟସଭା ଓ କ୍ୟାବିନେଟ୍ ସଚ୍ଚିବାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ଜେନାଙ୍କର ତତ୍ତ୍ୱାବଧାନରେ ଆଇ.ସି.ଟି ପ୍ରକଳ୍ପ ମାନ ପ୍ରତିଷ୍ଠା କରାଯାଇଛି ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହୋଇ ଶ୍ରୀ ଜେନା ସମାଜ ସେବା, ସାଂସ୍କୃତିକ ପ୍ରୋତ୍ସାହନ ଏବଂ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଯୋଗଦାନ ଦେଇଛନ୍ତି । ଏ ମଧ୍ୟରେ ଏନ.ଆଇ.ସି କର୍ମଚାରୀ ସମବାୟ ସଂଘର ସମ୍ପାଦକ ଓ ସଭାପତି, ସର୍ବଭାରତୀୟ ଏନ.ଆଇ.ସି ଅଫିସର ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ, ଦି ଇଣ୍ଟେଲେକ୍ଟସ୍ ର ସହ ଆବାହକ, ୱାର୍ଲଡ୍ ଓଡ଼ିଶା ସୋସାଇଟିର ନୂଆଦିଲ୍ଲୀ ଓ ଏନ.ସି.ଆର ଶାଖାର ମୁଖ୍ୟ ସଂଯୋଜକ, କେନ୍ଦ୍ର କର୍ମଚାରୀ ଆବାସିକ କଲ୍ୟାଣ ସଂଘର ପୂର୍ବତନ ସାଧାରଣ ସମ୍ପାଦକ, ବସୁନ୍ଧରାସ୍ଥିତ ଉତ୍କଳ ସମାଜର ଉପସଭାପତି, ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ଜଗନ୍ନାଥ ସେବା ସଂଘର ସାଧାରଣ ସମ୍ପାଦକ ଏବଂ କଳିଙ୍ଗ ଭାରତୀ ଫାଉଣ୍ଡେସନର ସଂଯୋଜକ ଆଦି ଅନ୍ତର୍ଭୁକ୍ତ । ଜଣେ କର୍ମଠ, ସଚ୍ଚୋଟ, ଉତ୍ସର୍ଗୀକୃତ, ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ବିଶ୍ୱାସଯୋଗ୍ୟ, ଭରସା ସମ୍ପନ୍ନ ଏବଂ ଦାୟିତ୍ୱବାନ ବ୍ୟକ୍ତିତ୍ୱର ଅଧିକାରୀ ଶ୍ରୀ ଜେନାଙ୍କର ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ନେଇ ବିଶେଷତା, ତତକ୍ଷଣାତ୍ ନିଷ୍ପତ୍ତି ନେବା ନେଇ ବିଚକ୍ଷଣତା ଏବଂ ଅସାଧାରଣ ସାଙ୍ଗଠନିକ ଦକ୍ଷତା ରହିଛି । ୧୯୭୬ ମସିହାରେ ଶ୍ରୀ ଜେନାଙ୍କର ପ୍ରଚେଷ୍ଟାରେ ତାଙ୍କର ନିକଟବର୍ତ୍ତୀ ଗ୍ରାମ ମଣିନାଥପୁର ଠାରେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନା କରାଯିବା, ସେହି ଇଲାକାର ଶିକ୍ଷାର ପ୍ରଚାର ପ୍ରସାର ନେଇ ଖୁବ ସୁଦୂରପ୍ରସାରି ପଦକ୍ଷେପ ଥିଲା । ଭୟଙ୍କର କରୋନା ମହାମାରୀ ସମୟରେ ଶ୍ରୀ ଜେନାଙ୍କର ଅସାଧାରଣ ଉଦଯୋଗ ଫଳରେ ଶହ ଶହ ମୂଲ୍ୟବାନ ଜୀବନକୁ ଆସନ୍ନ ମୃତ୍ୟୁ ମୁଖରୁ ରକ୍ଷା କରାଯାଇ ପାରିଥିଲା । ରାଜନୈତିକ ପର୍ଯ୍ୟବେକ୍ଷକ ମାନଙ୍କ ମତରେ ଶ୍ରୀ ଜେନା ଯେ କୌଣସି ରାଜନୈତିକ ଦଳ ପାଇଁ ନିଶ୍ଚିତ ଭାବରେ ଦୁର୍ଲଭ ସମ୍ପଦ ଭାବେ ପରିଗଣିତ ହେବେ । ନିଜର ଅନନ୍ୟ କାର୍ଯ୍ୟଦକ୍ଷତା ଏବଂ ଉଲ୍ଲେଖନୀୟ ସେବା ପାଇଁ ଶ୍ରୀ ଜେନା ବହୁ ସମ୍ମାନସ୍ୱଦ ପୁରସ୍କାର ହାସଲ କରିଛନ୍ତି । ଏ ମଧ୍ୟରେ ରାଷ୍ଟ୍ରୀୟ ଏକତା ସମ୍ମାନ, ୱାର୍ଲଡ୍ ଓଡ଼ିଶା ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧନା, କରୋନା ଯୋଦ୍ଧା ସମ୍ମାନ, ରାଷ୍ଟ୍ରପତିଙ୍କର ଉପସ୍ଥିତିରେ ଡିଜିଟାଲ ଇଣ୍ଡିଆ ପୁରସ୍କାର ଉତ୍ସବ ଅବସରରେ ସମ୍ବର୍ଦ୍ଧନା ଏବଂ ସର୍ବଜନ ସୁଖାୟ ସେବା ସମିତି ଦ୍ୱାରା ସମାଜ ସେବା ସମ୍ମାନ ଆଦି ଅନ୍ୟତମ । ନିର୍ବାଚନୀ ବିଶାରଦ ମାନଙ୍କର ପୂର୍ବାନୁମାନ ଅନୁଯାୟୀ ଶ୍ରୀ ଜେନାଙ୍କର ଗତିଶୀଳ, କର୍ମ କୁଶଳୀ ଓ ଗରିବପ୍ରେମୀ ଦୃଷ୍ଟିଭଙ୍ଗୀ ଯୋଗୁଁ ତାଙ୍କ ପକ୍ଷରେ ଆଗାମୀ ନିର୍ବାଚନ ବୈତରଣୀ କୁ ସଫଳତାର ସହିତ ପାରି ହେବାର ଅପାର ସକ୍ଷମତା ମହଜୁଦ ରହିଛି ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ରାୟଗଡ ୧୨/୦୩- ରାୟଗଡ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କ ରହିଛି । ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆର୍‌ଏସ୍ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା । ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାର ସମସ୍ତ ଗ୍ରାମରେ ଜଳକ୍ଳିଷ୍ଟ ସ୍ଥାନ ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଂଚାୟତ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି । ଗ୍ରୀଷ୍ମ ଦିନରେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବ । ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଯାତ୍ରୀବାହୀ ବସ ଯାତାୟତ କରିବା ସମୟ ଓ ଶ୍ରମିକ ମାନଙ୍କ ସମୟରେ ପରିବର୍ତ୍ତନ କରିବାକୁ କୁହାଯାଇଛି ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଛନ୍ତି ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର/ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଜିଲ୍ଲାସ୍ତରରେ, ବ୍ଲକ, ଜିଲ୍ଲାସ୍ୱାସ୍ଥ୍ୟ କେନ୍ଦ୍ର ଓ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ୍ୟ ଖୋଲାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲାପରିଷଦ, ରାୟଗଡ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣପୁର ସୁଶ୍ରୀ କରନ୍ଦୀପ କୌର,ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଭିଏଲ ଏନ ରାଜୁ,,ଜିଲ୍ଲା ଶିକ୍ଷା ଅଧିକାରୀ,ପୂର୍ଣ୍ଣ ଚନ୍ଦ୍ର ବରିହା,ଜିଲ୍ଲା ମଙ୍ଗଳ ଅଧିକାରୀ,ଭାରତ ଭୂଷଣ ବିଶ୍ୱାଳ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌର ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ହାଡିବନ୍ଧୁ ଭୋଇ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,ମନୋଜ ପ୍ରଧାନ,ଅଗ୍ନିଶମ ଅଧିକାରୀ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବନଜା ଦାଶ, ଜିଲ୍ଲା ସୂଚନା ଓ଼ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା ଓ଼ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ରାୟଗଡ଼
HEAT WAVE MANAGEMENT
Date:12th March,2024
Venue:Zilla Parishad Conference Hall,
Organized by
District Disaster Management Authority,Rayagada
Odisha state Disaster Management Authority
Shot on OnePlus

ଶିଳାନ୍ୟାସ ୨ ଦିନ ପରେ ସୂଚନା ଫଳକ ଉଭାନ

ଖଣ୍ଡପଡା,୧୨।୩(ନିପ୍ର)- ଖଣ୍ଡପଡ଼ା ସହରାଂଚଳ ଅଧିନ ୧୩ ନଂ ୱାର୍ଡ଼ ବସ୍‌ଷ୍ଟାଣ୍ଡ ନିକଟରେ ପରିବା ମଣ୍ଡି ଓ ଗାର୍ଡ଼ୱାଲ୍ ନିର୍ମାଣ ନିମନ୍ତେ ପ୍ରାୟ ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସହ ଗତ ଶୁକ୍ରବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ଓ ଅଧକ୍ଷା ଆରତୀ ପ୍ରଧାନଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟ ଶିଘ୍ର ସାରିବା ନେଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର କାର୍ଯ୍ୟ ଆରମ୍ଭ ନ ହେଉଣୁ ଆଜି ସିମେଂଟ୍ କାନ୍ଥରେ ଲାଗିଥିବା ଫଳକ ଉଭାନ୍ ହୋଇଯାଇଥିବା ନେଇ ନଗର କଂଗ୍ରେସ ଅଭିଯୋଗ କରିଛି । ଖାଲି ସେତିକି ନୁହେଁ ଲୋକଙ୍କୁ ଅନ୍ଧାରରେ ରଖି ଏହି କାର୍ଯ୍ୟ ନିମନ୍ତେ କାର୍ଯ୍ୟ ହାତେଇଥିବା ଠିକାଦାରଙ୍କ ପକ୍ଷରୁ ଉଦ୍ୟମ ହେଉଥିବା ନେଇ ନଗର କଂଗ୍ରେସ ଅଭିଯୋଗ କରିବା ସହିତ ଘଟଣାର ତଦନ୍ତ ଦାବି କରିଛି । ସରକାରୀ ନିୟମ ଅନୁଯାୟୀ ପ୍ରକଳ୍ପ ସ୍ଥାନରେ ଠିକା ସଂସ୍ଥା ଓ ପ୍ରଶାସନ ପକ୍ଷରୁ ଫଳକ ଲାଗିବା ନିୟମ ଥିବା ବେଳେ ଏହାର ଖୋଲା ଖୋଲି ଉଲଂଘନ କରାଯାଉଥିବା ଏବଂ ଲୋକଙ୍କୁ କାର୍ଯ୍ୟ ବାବଦରେ ସୂଚନା ନଦେବା ପାଇଁ ମସୁଧା ହେଉଥିବା ନେଇ ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ଅଭିଯୋଗ କରିଛନ୍ତି ।

ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

ରାୟଗଡ,୧୨।୩ : ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭାରତୀୟ ରେଳବାଇ ଅର୍ଥ ନିଗମ ଆନୁକୁଲ୍ୟରେ ଆଲିମକୋ, ଭୁବନେଶ୍ୱର ଦ୍ୱାରା ରାୟଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ଉପକରଣ ଯଥା- ୨୨ ଗୋଟି ବ୍ୟାଟେରୀ ଚାଳିତ ତିନି ଚକିଆ । ସାଇକେଲ, ୩ ଗୋଟି ସିପି ହୁଇଲ ଚେୟାର, ୪୬ ଗୋଟି ଆଶାବାଡି, ଏକ ଗୋଟି ବ୍ରେଲୀ କିଟ, ୬ ଗୋଟି ଡିଜିଟାଲ ଶ୍ରବଣ ଯନ୍ତ୍ର, ୪୨ ଗୋଟି ତିନି ଚକିଆ । ସାଇକେଲ, ୧୫ ଗୋଟି ହୁଇଲ ଚେୟାର, ୪ ଗୋଟି ସ୍ମାର୍ଟ ଫୋନ ବଣ୍ଟନ କରାଗଲା । ଉକ୍ତ ଦିବସରେ ୯୨ ଜଣ ଦିବ୍ୟାଙ୍ଗ ହିତାଧିକାରୀ ଉପକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ତଥା ଆଇନ ବିଭାଗ, ଓଡିଶା, ସରକାର, ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ ମାନ୍ୟବର ବିଧାୟକ, ରାୟଗଡ ନିର୍ବାଚନ ମଣ୍ଡଳୀ, ମକରନ୍ଦ ମୁଦୁଲି, ଅଧକ୍ଷ୍ୟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ରାୟଗଡ଼, ଶ୍ରୀମତୀ ଅନୁସୂୟା ମାଝି, ସମ୍ମାନନୀୟା ଅଧକ୍ଷ୍ୟା, ପଞ୍ଚାୟତ ସମିତି, ରାୟଗଡ, ସୁଶ୍ରୀ ଟୁନି ହୁଇକା, ସମ୍ମାନନୀୟ ଉପାଧକ୍ଷ, ପଞ୍ଚାୟତ ସମିତି, ରାୟଗଡ, ଶହରପ୍ରସାଦ ହେପୃକା, ଉପାଧକ୍ଷା, ପୌର ପରିଷଦ, ରାୟଗଡ଼, ଶ୍ରୀମତୀ ଶୁଭ୍ରା ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ସିମାଞ୍ଚଳ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡ, ବସନ୍ତ କୁମାର ପ୍ରଧାନ, ରାୟଗଡ଼ ଭିନ୍ନକ୍ଷମ ମହାସଂଘର ସମ୍ପାଦକ, ଅମରେନ୍ଦ୍ର ନାଥ, ଓଡିଶା ବିକଳାଙ୍ଗ ମଞ୍ଚ, ରାୟଗଡ଼, ସମ୍ପାଦକ, ଜଳନ୍ଧର ବାଚେଲୀ ସଭାରେ ଉପସ୍ଥିତ ଥିଲେ । ଏହି ସଭାକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀମତୀ ରଞ୍ଜିତା ବେହେରା ସୂଚାରୁ ରୂପେ ପରିଚାଳନା କରିଥିଲେ ଏହି ଦିବସରେ ସମସ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ କନିଷ୍ଠ ସହାୟକ ଓ ପି.ଏ ମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।

District Administration and District Social Security Office, Rayagada

୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ପୋଲିଂ ଅଧିକାରୀଙ୍କୁ ତାଲିମ

ରାୟଗଡ,୧୨।୩ : ୨୦୨୪ ସାଧାରଣ ଓ଼ ଓଡିଶା ବିଧାନସଭା ନିର୍ବାଚନ ନିମନ୍ତେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି ପ୍ରଥମ ପର୍ଯ୍ୟାୟରେ ରାୟଗଡ ମହାବିଦ୍ୟାଳୟର ୦୮ଟି କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସ୍ୱୟବାନ ମହାଜନଙ୍କ ତ୍ୱବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲାମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲାପରିଷଦ ରାୟଗଡ, ନିହାର ରଞ୍ଜନ କହଁର,ଉପ ଜିଲ୍ଲାପାଳ କଲ୍ୟାଣି ସଂଘମିତ୍ରା ଦେବୀ, ଗୁଣପୁର ଉପ ଜିଲ୍ଲାପାଳ କିରଣଦୀପ କୌର, ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ କୁମାର ବେହେରା, ଗୁଣପୁର ଶାନ୍ତି ପ୍ରଭା ପ୍ରଧାନ, ପ୍ରମୁଖ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ତଦାରଖ କରିଥିଲେ ଚନ୍ଦ୍ରପୁର ତହସିଲଦାର, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡରି ତହସିଲଦାର, କଲ୍ୟାଣସିଂହପୁର ତହସିଲଦାର, ରାୟଗଡ ତହସିଲଦାର, ଅତିରକ୍ତ କାର୍ଯ୍ୟନିର୍ବାହୀ ଜିଲ୍ଲାପରିଷଦ ନରେନ୍ଦ୍ର ନାଏକ,ନୀଳାଚଳ ମିଶ୍ର, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ ପ୍ରମୁଖ ତାଲିମ ଦାତା ଭାବେ ଯୋଗଦେଇ ତାଲିମ ଦେଇଥିଲେ । ପୋଲିଂ ଅଧିକାରୀ ମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ, ବୁଥରେ କେଉଁ ଅଧିକାରୀଙ୍କ କଣ କାର୍ଯ୍ୟ ତାହା ବୁଝାଇ ଥିଲେ ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି କରି ପାରିବେ, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତି ଦୁଇ ଘଣ୍ଟାକୁ ଥରେ ସୂଚନା ଦେବାକୁ ତାଲିମ ପ୍ରଦାନ କରିଥିଲେ ଇଭିଏମ, ଭିଭିପାଟ କିପରି ସଂଯୋଗ କରିବେ, କେ ାଲ ଉଡନିଟିର କାର୍ଯ୍ୟ ଆଦିର ସୂଚନା ଦେଇଥିଲେ । ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ସଫଳ ହେଲେହିଁ ଗଣତନ୍ତ୍ରର ପବିତ୍ର କାର୍ଯ୍ୟ ନିର୍ବାଚନ ସଫଳ ହୋଇ ପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ ।

Distribution of Duty in Polling Party
Shot on OnePlus
Powered by Triple Camera

ତନିଶାସ୍ ଇ-ୱାର୍ଲ୍ଡ ଆଇଟି ଷ୍ଟୋର ଉଦ୍‌ଘାଟିତ

କଟକ, ୧୨।୩(ନିପ୍ର) : ଇଲେକ୍ଟ୍ରୋନିକ୍ସ ଖୁଚୁରା ଦୁନିଆର ଏକ ପ୍ରସିଦ୍ଧ ନାମ ତନିଶାସ୍ ଇ ୱାର୍ଲ୍ଡ ଏହାର ମଲ୍ଟି ବ୍ରାଣ୍ଡ ଆଇଟି ଷ୍ଟୋରର କଟକଠାରେ ଡେସ୍କଟପ୍, ଲାପଟପ, ପ୍ରିଣ୍ଟର, ଆସେସରିଜ୍ ଏବଂ ଅନ୍ୟାନ୍ୟ ଉପକରଣଗୁଡିକ ଏକ ଏଚପି ଲାଇଫ୍ ଷ୍ଟାଇଲ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି । ଏହି ଷ୍ଟୋର ଅଗ୍ରଣୀ ବ୍ରାଣ୍ଡରୁ ବହୁ ପରିମାଣର ପ୍ରିମିୟମ ଉତ୍ପାଦ ପ୍ରଦାନ କରି ଗ୍ରାହକମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ଗୁଣବତ୍ତା, ନବସୃଜନ ଏବଂ ସୁଲଭତା ଉପରେ ଏକ ଧ୍ୟାନ ଦେଇ ଷ୍ଟୋର ଗ୍ରାହକମାନଙ୍କୁ ଏକ ନିରବିହୀନ ସପିଙ୍ଗ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଏବଂ ସମର୍ଥନ ଦ୍ୱାରା ସମର୍ଥିତ । ମେସର୍ସ ତନିଶାସ୍ ଇ-ୱାର୍ଲ୍ଡ ଷ୍ଟୋର ମାଲିକ ଅମିତ ଅଗ୍ରୱାଲ କହିଛନ୍ତି ଯେ, ଟେକ୍ନୋଲୋଜି ଏବଂ ସୁବିଧା ପାଇଁ ଏକ ନିଆରା ମିଶ୍ରଣ ପ୍ରଦାନ କରି ଏହି ଷ୍ଟୋରକୁ ଏକ ସ୍ୱାଗତଯୋଗ୍ୟ ଏବଂ ଗ୍ରାହକ-କେନ୍ଦ୍ରିକ ପରିବେଶରେ ଅତ୍ୟାଧୁନିକ ଆଇଟି ସମାଧାନର ସୁବିଧା ଯୋଗାଇ ଦେବା ପାଇଁ ଡିଜାଇନ୍ କରାଯାଇଛି ବୋଲି କହିଛନ୍ତି । ରାଉରକେଲା ଏବଂ ଭୁବନେଶ୍ୱରଠାରେ ରହିଥିବା ସହିତ ତନିଶାସ୍ ଇ-ୱାର୍ଲ୍ଡ ଷ୍ଟୋର କ୍ରମାଗତ ଭାବରେ ଏହାର ଗ୍ରାହକମାନଙ୍କୁ ବହୁ ପରିମାଣର ଅତ୍ୟାଧୁନିକ ଇଲେକଟ୍ରୋନିକ୍ ଉତ୍ପାଦ ଯୋଗାଇ ଦେଇଛି ।

ବାଂଶପାଣି - ଜଖପୁରା ଦ୍ୱିତୀୟ ରେଳ ଧାରଣା ଉଦ୍‌ଘାଟିତ

ଯୋଡ଼ା,୧୨।୩ : କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଜୁରୁଡି ରେଳେ ଷ୍ଟେସନ ଠାରେ ରେଳ ଧାରଣା ଦୋହରୀକରଣ ଉଦ୍ଘାଟନ ଉପଲକ୍ଷେ ଆଜି ସକାଳ ପ୍ରାୟ ୯ଘଟିକା ସମୟରେ ଭି.ସି ମାଧ୍ୟମରେ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦବୋଧନ ଦେଇଥିଲେ ସାରାଦେଶରେ ରେଳବିଭାଗର ୨୭୪ପ୍ରକଳ୍ପ ର ଉଦଘାଟନ କରିବା ସହିତ ବହୁତ ପ୍ରକଳ୍ପ ର ଶିଳାନ୍ୟାସ କରିଥିଲେ ଜୁରୁଡ଼ି କାର୍ଯ୍ୟକ୍ରମରେ କେନ୍ଦୁଝର ପୂର୍ବତନ ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଏବଂ ଯୋଡ଼ା ପୌରାଧକ୍ଷ ଡ଼ା. ଜଗଦିଶ ପ୍ରସାଦ ସାହୁ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ମନ୍ତ୍ରୀଙ୍କ ସହିତ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିଥିବା ବେଳେ ଭି .ସି ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ରଘୁବର ଦାସ ଯୋଗଦେଇଥିଲେ ବାଂଶପାଣି - ଦଇତାରୀ - ଜଖପୁର ରେଳ ଧାରଣା ଦୋହରିକରଣ ଯୋଗୁଁ ଜନସାଧାରଣ ଏବଂ ମାଲ୍ ବାହି ଟ୍ରେନ ଯାତାୟତରେ ସୁବିଧା ହେଇପାରିବ ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୧୨/୩ : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ହୋଇ ଥିଲା । ଏଥିରେ ମୋଟ ୯୭ ଗୋଟି ଅଭିଯୋଗ ମିଳିଥିଲା । ଏଥିରେ ୯୦ ଗୋଟି ବ୍ୟକ୍ତିଗତ ଓ ୭ ଟି ଗ୍ରାମ ସମସ୍ୟା ସମ୍ପର୍କରେ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୮ ଗୋଟି ଓ ରେଡକ୍ରସରୁ ସହାୟତା ପାଇଁ ୨ ଗୋଟି ଆବେଦନ ମିଳିଥିଲା । ତତ୍କାଳୀନ ୨୦ ଗୋଟି ଅଭିଯୋଗର ସମାଧାନ ହୋଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରେରଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି,ଉପଜିଲ୍ଲାପାଳ ଗୋପୀନାଥ କୁଅଁର,ସିଡିଏମଓ ଡା ସୁଜାତା ମିଶ୍ର,ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ରଞ୍ଜନ ବେହେରା, ତହସିଲଦାର ଅଭିଷେକ ଦାଶ,ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।